ପ୍ରଗତିବାଦୀ
ଟ୍ୱିନ୍ ସିଟି ନୀଡରେ

# ଆଇଟିଆଇର ବାର୍ଷିକୋତ୍ସବ ଜେନ୍‌ସିସ୍-୧୦ ଉଦ୍‌ଘାଟିତ



**ଭୁବନେଶ୍ୱର,ତା୨୬।୨(ପିଏନଏସ):** ପୂର୍ବ ଭାରତର ବୈଷୟୀକ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଆଇଟିଆଇ କଲେଜର ବାର୍ଷିକୋତ୍ସବ ଜେନେସିସ୍-୧୦ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକୋତ୍ସବ କଲେଜର ପ୍ରଫେସର କେ.କେ. ମିଶ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଓ୍ୱିପ୍ରୋର ଅର୍ନ୍ତଜାତୀୟ ମାନବ ସମ୍ବଳ ମୁଖ୍ୟ ଶ୍ରୀ କାନନ ରାମାୟା, କଲେଜର ନିର୍ଦ୍ଦେଶକ ଡ. ମାନସ ମଲ୍ଲିକ, ପ୍ରଫେସର ବି.କେ. ସରାପ ବିଭିନ୍ନ ବିଭାଗର ମୁଖ୍ୟ, ଅଧାପକ ଅଧାପିକା ତଥା ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

ଏହି ଅବସରରେ ଶ୍ରୀକାନନ ରାମାୟା ତାଙ୍କର ଅଭିଭାଷଣରେ ପିଲାମାନଙ୍କୁ ଧୈର୍ଯ୍ୟଶୀଳ ହେବାପାଇଁ କହିବା ସହିତ ଆମ ପିଲାମାନଙ୍କ ପାଖରେ ଯେକୌଣସି ନୂତନ କାର୍ଯ୍ୟପାଇଁ ପ୍ରବଳ ଇଚ୍ଛାଶକ୍ତି ଏବଂ କ୍ଷମତା ଭରପୁର ଥିବାର ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ୨୩ ତାରିଖରୁ ଆରମ୍ଭ ହୋଇଥିବା ଟେକ୍‌ଫେଷ୍ଟ 'ଚକ୍ରବ୍ୟୁହ'ର ବିଭିନ୍ନ ପ୍ରତିଯୋଗିତାରେ ପ୍ରାୟ ୯୪୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏବଂ ବିଭିନ୍ନ ଛାତ୍ରଛାତ୍ରୀଙ୍କ ଏହି ଅବସରରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଉଦ୍‌ଯାପନି ଦିବସରେ ସାରେଗାମାପାର ଗାୟକ କିନିତ ସଂଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି।